# NATIONAL LAW UNIVERSITY ODISHA

सत्ये स्थितो धर्मः

*Welcomes you to*

## THE STATE LEVEL INCEPTION WORKSHOP

## Project on Tobacco Control Initiatives





**VENUE**

Conference Hall, 2nd Floor,
Administrative Block
National Law University Odisha,
Cuttack

MARCH **02** | Thursday 2023
10:30 am




# ତମାଖୁ ନିୟନ୍ତ୍ରଣ ଆଇନ କଡ଼ାକଡ଼ି କରାଯିବ

କଟକ ଅଫିସ,୨।୩

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ୍ ଲଙ୍ଗ୍ ଡିସିଜ୍‌ର ମିଳିତ ଆନୁକୂଲ୍ୟରେ ଏକ ଯୋଜନା ଆଗାମୀ ୨ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ତମାଖୁ ନିୟନ୍ତ୍ରଣ ଆଇନକୁ କଡ଼ାକଡ଼ି କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ

## ତମାଖୁ ନିୟନ୍ତ୍ରଣ କର୍ମଶାଳା

ସହାୟତା କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି। ଏ ନେଇ ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ବେଦ କୁମାରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତକୁ ତମାଖୁ ମୁକ୍ତ କରିବା ପାଇଁ ରାଜ୍ୟସ୍ତରରୁ ବିଭିନ୍ନ ଯୋଜନାର ସଫଳ ରୂପାୟନର ଆବଶ୍ୟକତା ରହିଛି। ତେବେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ୨ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ, ଏନ୍‌ସିଡି, ଏନ୍‌ଟିପିସି, ଜନସ୍ୱାସ୍ଥ୍ୟ ଓ ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି, ପୋଲିସ ଫୋର୍ସ, ଜୁଡିସିଆଲ ଏକାଡେମୀ, ରାଜ୍ୟ ମାନବିକ ଅଧିକାର ଆୟୋଗ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ, ଏନ୍‌ଏସ୍‌ଏସ୍, ସିଭିଲ୍ ସୋସାଇଟି, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସାମିଲ କରାଯିବ। ବିଶେଷକରି ତମାଖୁ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କୁ ଏକାଠି କରି ଯୋଜନାକୁ ସଫଳ କରିବା ନିମନ୍ତେ କର୍ମଶାଳାରେ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଏନ୍‌ସିଡି ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ସ୍ୱାଇଁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଶକୁନ୍ତଳା ବିନ୍ଧାଣି, ଏମ୍‌ସ୍‌ର ପ୍ରଫେସର ବିନୋଦ ପାତ୍ର, ଏସ୍‌ସିବି ମେଡିକାଲର ଅଧୀକ୍ଷକ ଡ. ସୁଧାଂଶୁ ଶେଖର ମିଶ୍ର, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ରମେଶ ଚନ୍ଦ୍ର ଜେନା, କଟକ ମ୍ୟୁନିସିପାଲ କର୍ପୋରେଶନର ଅଲିନ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ରଙ୍ଗୀନ ପଲ୍ଲବ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ତମାଖୁ ନିୟନ୍ତ୍ରଣ କର୍ମଶାଳାରେ ଯୋଗ ଦେଇଥିବା ଅତିଥିବୃନ୍ଦ।